● ପାରିବାରିକ କଳହର କରୁଣ ପରିଣତି

# ଭାଉଜ ଖଣ୍ଡା ଚୋଟରେ ଦିଅର ଗୁରୁତର

ବାଲେଶ୍ୱର ସଦର,୪।୫(ସମିସ): ପାରିବାରିକ କଳହର କରୁଣ ପରିଣତି। ଭାଉଜ ଖଣ୍ଡା ଚୋଟରେ ଦିଅର ଗୁରୁତର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ହେଲେ ରୁପସା ଥାନା ମିରିଗୁଣ୍ଡି ଗ୍ରାମର ଭଜହରି ବେହେରା। ଭଜହରି ଦୀର୍ଘଦିନ ହେବ ଶଶୁର ଘରେ ରହୁଥିଲେ। ପୂର୍ବରୁ ଜମିବାଡ଼ି ବାଦବିବାଦ ଲାଗି ରହିଥିଲା ବେଳେ ଆଜି ସକାଳେ ତାଙ୍କ ବଡ଼ଭାଇ ପାଖରେ ରହୁଥିବା ନିଜ ମା'ଙ୍କୁ ଦେଖା କରିବାକୁ ଯାଇଥିଲେ। ମାତ୍ର ତାଙ୍କ ମା'ଙ୍କ ସହିତ ତାଙ୍କ ପୁତୁରା ଦେଖା କରେଇ ଦେଇନଥିଲେ। ଏନେଇ ଉଭୟଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଥିଲା। ଏହି କଳହ ଶେଷରେ ଉଗ୍ର ରୂପ ଧାରଣ କରିଥିଲା। ଭଜହରିଙ୍କ ଭାଉଜ ଏକ ଖଣ୍ଡାରେ ତାଙ୍କ ମୁଣ୍ଡରେ ଚୋଟ ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭଜହରି ଦୌଡ଼ି ଘଟଣାସ୍ଥଳରୁ ପଳାଇ ଆସିଥିବାବେଳେ ବସ୍ତା ଥାନା ମଥାନି ଛକଠାରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ଭଜହରିଙ୍କୁ ଉଦ୍ଧାର କରି ବସ୍ତା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଁଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଓ ପରେ କଟକକୁ ସ୍ଥାନାନ୍ତର କରାଯାଇ ଥିବା ଜଣାପଡ଼ିଛି। ଏନେଇ ତାଙ୍କ ଭଉଣୀ ରୁପ୍‌ସା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ବାଜିଲେ ଲାଗୁଛି ଜୀବନ | ବିପଦସଂକୁଳ ଅବସ୍ଥାରେ ଯାତ୍ରୀ ପରିବହନ

ବାଲେଶ୍ୱର,୪।୫(ସମିସ)

ବାଲେଶ୍ୱର ଜିଲ୍ଲାରେ ଯାତ୍ରୀଙ୍କ ସୁରକ୍ଷା ନେଇ ଗୁରୁତର ପ୍ରଶ୍ନ ଉଠିଛି। ରେମୁଣା ଗୋଲେଇରୁ ମିତ୍ରପୁର ରାସ୍ତାରେ ଦେଖିବାକୁ ମିଳୁଥିବା ଏହି ଚିତ୍ର ସରକାରୀ ବ୍ୟବସ୍ଥାର ଦୁରବସ୍ଥାକୁ ପ୍ରକାଶ କରୁଛି। ଯାତ୍ରୀବାହୀ ଗାଡ଼ିରେ ଅତ୍ୟଧିକ ଭିଡ଼ ଥିବା ସତ୍ତ୍ୱେ ଚାଳକ ଓ ମାଲିକମାନେ ନିଜର ବ୍ୟକ୍ତିଗତ ଲାଭ ସ୍ୱାର୍ଥ ପାଇଁ ଯାତ୍ରୀଙ୍କୁ ଗାଡ଼ିର ପଛ ପଟେ ଓହଳାଇ ନେଉଛନ୍ତି। କେହି ଗୋଟିଏ ପାଦରେ ଓହଳି ରହିଛନ୍ତି, ତ ଆଉ କେହି ଲୁହା ରଡ୍‌କୁ ଧରି ରହିଛନ୍ତି। ଏହା ସିଧାସଳଖ ମୃତ୍ୟୁକୁ ଆମନ୍ତ୍ରଣ ଦେବା ସହ ସମାନ। ସବୁଠୁ ଲଜ୍ଜାଜନକ ବିଷୟ ହେଉଛି ଏପରି ଦୃଶ୍ୟ ନୂଆ କିଛି ନୁହେଁ। ପ୍ରତିଦିନ ଏହି ରାସ୍ତାରେ ଏପରି ଯାତାୟାତ ଚାଲିଛି। ସବୁ ଦେଖି ବି ପରିବହନ ବିଭାଗ ନିରବ ଦର୍ଶକ ସାଜିଛି। ନିୟମ ଅନୁଯାୟୀ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଯେଉଁଠାରେ ପରିବହନ ବିଭାଗର ମୂଳ ଦାୟିତ୍ୱ, ସେଠାରେ ଏହାର ପୂର୍ଣ୍ଣ ବିଫଳତା ସ୍ପଷ୍ଟ ହେଉଛି। ଏହି ରୁଟ୍‌ରେ ପର୍ଯ୍ୟାପ୍ତ ସରକାରୀ ବା ବେସରକାରୀ ଯାତ୍ରୀବାହୀ ବସ ଚାଲୁନଥିବାରୁ ଲୋକମାନେ ବାଧ୍ୟ ହୋଇ ଏପରି ବିପଦସଙ୍କୁଳ ଯାତ୍ରା କରୁଛନ୍ତି ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ଏହାର ସୁଯୋଗ ନେଇ ଗାଡ଼ି ଚାଳକମାନେ ସରକାରୀ ନିୟମକାନୁନର ଧଜ୍ଜିଆ ଉଡ଼ାଇ ଅତ୍ୟଧିକ ଯାତ୍ରୀଙ୍କୁ ପରିବହନ କରୁଛନ୍ତି। ଏହା ମାତ୍ର ଅବ୍ୟବସ୍ଥା ନୁହେଁ, ବରଂ ଏକ ପ୍ରକାର ଅପରାଧ।

ପ୍ରଶ୍ନ ଉଠୁଛି, ଏହି ସବୁ ଘଟଣା ପରିବହନ ବିଭାଗର ଦୃଷ୍ଟିରୁ କିପରି ଲୁଚି ଯାଉଛି? ନା କି ଜାଣିଶୁଣି ଅଣଦେଖା କରାଯାଉଛି? ଯଦି ନିୟମିତ ଯାଞ୍ଚ ଓ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ତେବେ ଏପରି ଦୃଶ୍ୟ କେବେ ଦେଖିବାକୁ ମିଳୁନଥାନ୍ତା। ପରିବହନ ବିଭାଗର ଏହି ଅସାବଧାନତା ଯେ କୌଣସି ସମୟରେ ଭୟାବହ ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ। ଏକ ଛୋଟ ଭୁଲ ଅନେକ ପରିବାରର ଜୀବନକୁ ଅନ୍ଧକାରକୁ ଠେଲି ଦେଇପାରେ। ତଥାପି ଦାୟିତ୍ୱରେ ଥିବା ପରିବହନ ବିଭାଗର କର୍ମଚାରୀମାନେ ଚୁପ ବସିଛନ୍ତି, ଯାହା ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।



ପରିବହନ ବିଭାଗ ଜଳକା

ଏହି ଅବ୍ୟବସ୍ଥାକୁ ତୁରନ୍ତ ରୋକିବାକୁ ପରିବହନ ବିଭାଗ ତୁରନ୍ତ ରେମୁଣା-ମିତ୍ରପୁର ରୁଟ୍ ସହ ଜିଲ୍ଲାର ବିଭିନ୍ନ ରୁଟରେ ଚେକିଂ ଆରମ୍ଭ କରିବା, ଅତ୍ୟଧିକ ଯାତ୍ରୀ ନେଉଥିବା ଗାଡ଼ି ଗୁଡ଼ିକୁ ଜବତ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଏନେଇ ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ଦିଗରେ ପରିବହନ ବିଭାଗର ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯିବା ସହ ପରିବହନ ନିୟମ ଉଲ୍ଲଂଘନକାରୀ ଯାତ୍ରୀଙ୍କୁ ବିପଦରେ ପକାଉଥିବା ଗାଡ଼ି ଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# 'ଏ-୧' ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସୋର,୪।୫(ସମିସ): ସୋର ବ୍ଲକ ଓ ପୌରପାଳିକାର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ 'ଏ-୧'ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ ପୌରପାଳିକା ଅନ୍ତର୍ଗତ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ ଅଧକ୍ଷା ଅନସୂୟା ମଳିକ, ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଶରତ କୁମାର ମହାନ୍ତି, ଶିକ୍ଷାବିତ୍ ଅଶୋକ କୁମାର ମହାନ୍ତି, ବିଜେଡି ବ୍ଲକ ସଭାପତି ଶଙ୍କର୍ଷଣ ବାରିକ, ଲୋକନାଥ ରାଉତ, ଶିକ୍ଷାବିତ ଯଦୁନାଥ ଦୀକ୍ଷିତ ଯୋଗ ଦେଇଥିଲେ। ସୋର ଫିଡର କ୍ଲଷ୍ଟର ରବିନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶଶିକାନ୍ତ ସନ୍ଧିବିଗ୍ରହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକ ଓ ପୌରପାଳିକାରେ ସଫଳତା ପାଇଥିବା ୪୪ ଜଣ 'ଏ-୧' ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମସ୍ତ କ୍ଲଷ୍ଟରର ସିଆରସିସି ଏବଂ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



# ଖଇରାରେ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ



ଖଇରା,୪।୫(ସମିସ): ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ଦୁର୍ଗାମଣ୍ଡପ ପରିସରରେ ଶୁକ୍ରବାର ୩୩ ତମ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳେ ୨୧ଜଣ ଦମ୍ପତିଙ୍କ ଦ୍ୱାରା କଳସ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପଣ୍ଡିତ ନରସିଂହ ପାଣି, ପ୍ରଫୁଲ୍ଲ ତ୍ରୀପାଠୀ, ଶଶାଙ୍କ ଶେଖର ପତ୍ରୀ ଓ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସାଙ୍ଗକୁ ଗୀତାପାଠ କରାଯାଇଥିଲା। ଏହି ଅବସରରେ ଯଜ୍ଞ ସହିତ ଆରମ୍ଭରୁ ଜଡିତ ଥିବା କେଶବ ଚରଣ ସାହୁ, ସନ୍ତୋଷ କୁମାର ଶତପଥୀ, ନେମାଳ ଆଗତ ସନ୍ଥ ନାରାୟଣ ବାବା, ଯଜ୍ଞ ସମିତିର ଆବାହକ କୃଷ୍ଣଚନ୍ଦ୍ର ପତ୍ରୀ, ବ୍ରାହ୍ମଣ ସମିତିର କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ତଥା ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଦିବସବ୍ୟାପି କାର୍ଯ୍ୟକ୍ରମକୁ ଯଜ୍ଞ କମିଟିର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ହୃଦ୍‌ଘାତରେ ମହିଳାଙ୍କ ପରଲୋକ

ଚନ୍ଦନେଶ୍ୱର,୪।୫(ସମିସ): ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତ ଅଧୀନ କରଞ୍ଜାଶୋଳ ଗାଁର ଧର୍ମପରାୟଣା ମହିଳା କ୍ରିଷ୍ଣାବାଳା ଦାସ( ୭୧) ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଖବର ପାଇ ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। କରଞ୍ଜାଶୋଳ ଗାଁର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବଂଶୀଧର ଦାସଙ୍କ ଧର୍ମପତ୍ନୀ କ୍ରିଷ୍ଣାବାଳା ଶୁକ୍ରବାର ରାତିରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଦୀଘା ହସ୍‌ପିଟାଲକୁ ନେଇଥିଲେ। ସେଠାରୁ ବାଲେଶ୍ୱର ସ୍ଥାନାନ୍ତର ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ବହୁ ମାନଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ.ସନ୍ତୋଷ କୁମାର ପାତ୍ର,ରାଧାଶ୍ୟାମ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଚିନ୍ତ୍ୟ କୁମାର ଦାସ, ଶିକ୍ଷକ ନେତା ବାଲଗୋପାଲ ଦାସ, ଅନିଲ ଦାସ ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ। ତାଳସାରୀ ବେଳାଭୂମିରେ ଅନ୍ତ୍ୟେଷ୍ଟି କ୍ରିୟା ହୋଇଥିବାବେଳେ ଏକମାତ୍ର ପୁଅ ସୁବ୍ରତ ଏବଂ ଜ୍ୱାଇଁ ସରୋଜ ମୁଖାଗ୍ନି ଦେଇଥିଲେ।



# ଡ. ନଗେନ୍ଦ୍ରନାଥ ମହାପାତ୍ରଙ୍କ ପୁସ୍ତକ 'ଲୋଧା ସମାଜ ଓ ସାହିତ୍ୟ' ଉନ୍ମୋଚିତ



ବାଲେଶ୍ୱର,୪।୫(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ବିଶିଷ୍ଟ ଗବେଷକ ଡ. ନଗେନ୍ଦ୍ରନାଥ ମହାପାତ୍ରଙ୍କ ସଦ୍ୟ ପ୍ରକାଶିତ ଗବେଷଣାତ୍ମକ ଗ୍ରନ୍ଥ 'ଲୋଧା ସମାଜ ଓ ସାହିତ୍ୟ' ଗବେଷକଙ୍କ ବଡ଼ଭାଇ ଭୂପତି ଚରଣ ମହାପାତ୍ରଙ୍କ ଦ୍ୱାରା ପାଠକାର୍ପିତ ହୋଇଯାଇଛି। ଅନୁଷ୍ଠାନ ଉପସଭାପତି ଗାଳ୍ପିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନ ସଂଗଠନ ସଂପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଗବେଷକ ଡ. ମହାପାତ୍ରଙ୍କ ପ୍ରକାଶିତ ଉପାଦେୟ ପୁସ୍ତକଗୁଡ଼ିକ ସଂପର୍କରେ ଆଲୋଚନା କରିବ ସହ ଲୋଧା ସଂପ୍ରଦାୟ ସମ୍ବନ୍ଧରେ ତାଙ୍କର ଗବେଷଣା ପୁସ୍ତକ ଓଡ଼ିଆ ବାଣୀଭଣ୍ଡାର ପାଇଁ ଏକ ଅମୂଲ୍ୟ ସମ୍ପତ୍ତି ବୋଲି ମତପୋଷଣ କରିଥିଲେ। ବକ୍ତା ଭାବରେ ଯୋଗଦେଇ ଯୁବ ଗବେଷକ ଡ. ସାରଙ୍ଗଧର ତ୍ରିପାଠୀ, କବି କଲ୍ୟାଣୀ ନନ୍ଦ ଓ ଦୀପକ ବୋଷ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ। ଲେଖକ ଡ. ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ଲୋଧାମାନଙ୍କ ସଂପର୍କରେ ସେ ଗବେଷଣା କରିବାକୁ ମନସ୍ଥ କରିବା ସମୟରେ ତାଙ୍କର ଶୁଭାକାଂକ୍ଷୀମାନେ ତାଙ୍କୁ ଏଥିରୁ କ୍ଷାନ୍ତ ହେବାକୁ ପରାମର୍ଶ ଦେଇଥିଲେ। ମାତ୍ର ସେ ସମସ୍ତଙ୍କ କଥାକୁ ଭ୍ରୁକ୍ଷେପ ନ କରି ମନରେ ସାହସ ସଞ୍ଚୟ କରି ଏ ଗବେଷଣାରେ ଆଗେଇଥିଲେ ଓ ସଫଳ ମଧ ହୋଇଥିଲେ। ସଭା ପ୍ରାରମ୍ଭରେ ପ୍ରିୟଙ୍କା ଦାସ ଓ କଲ୍ୟାଣୀ ନନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଶିବଶଙ୍କର ଦାସ ଓ ପୁନମ ଦାସ ଯନ୍ତ୍ରାଂଶରେ ସହଯୋଗ କରିଥିଲେ। ଶିଶୁ ନୃତ୍ୟାଙ୍ଗନା ଦିବ୍ୟାଂଶି ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗବେଷକଙ୍କ ପତ୍ନୀ ସବିତା ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦିକା ଶାନ୍ତିଲତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ସହଯୋଗ କରିବାକୁ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ନିକଟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଶେଷରେ ପିନାକୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ହାସ୍ୟ ଦିବସ ପାଳନ



ବାଲେଶ୍ୱର,୪।୫(ସମିସ): ହସ ପରିବାର ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ସ୍ଥାନୀୟ ଉଦ୍ୟୋଗ ଭବନରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇଟିଆର୍ ସହନିର୍ଦ୍ଦେଶକ ଡ. ନୀଳାଦ୍ରି ରାୟ, ମୁଖ୍ୟବକ୍ତା ଭାବେ ଡା. ଅମିତାଭ ଗିରି ଏବଂ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଚାମ୍ବର୍ସ ଅଫ୍ କମର୍ସ ସଭାପତି ସଞ୍ଜୟ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଣିଷ ପ୍ରତ୍ୟେକ ଦିନ ହସିବା ଦରକାର। ହସ ହେଉଛି ସୁସ୍ଥ ଶରୀରର ମନ୍ତ୍ର ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନ ସଭାପତି ଗୋପାଳ ଜେନାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଲକ୍ଷ୍ମୀନାରାୟଣ ଘୋଷ ପ୍ରାକ୍‌କଥା ରଖିଥିବା ବେଳେ ମନୋଜ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବ୍ରହ୍ମନାଥ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେଶ ଚନ୍ଦ୍ର ଦାଶ ଶେଷକଥା ରଖିଥିଲେ। ଏହି ଅବସରରେ ସଦସ୍ୟା ନନ୍ଦିନୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଅର୍ଚ୍ଚନା, ଝୁନି, ମାମି, ଉର୍ବଶୀ, ସିଲି, କବିତା, ମାନସୀ, କାହ୍ନୁ, ବହ୍ନି ଓ ଦେବାଶିଷ ଗୁରୁ ନନ୍ଦକିଶୋର ଦାସଙ୍କ ନିର୍ଦ୍ଦେଶନାରେ କବି କାଳୀକିଙ୍କର ଦାସଙ୍କ ରଚିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଆକାଶବାଣୀ ଘୋଷିକା ନମିତା ମଲ୍ଲିକଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବହ୍ନିମାନ ରଥ, କାହ୍ନୁଚରଣ ଲେଙ୍କା, ଉର୍ବଶୀ ଦାସ, ଦେବାଶିଷ ଚାଟାର୍ଜୀ ପ୍ରମୁଖ ସଙ୍ଗୀତ ଗାନ କରିଥିଲେ। ହସ ପରିବାରର ବରିଷ୍ଠ ସଦସ୍ୟ ସୁଧୀର, ଅନୁପ, ମଦନ, ସାଧନା, ସତ୍ୟବ୍ରତ, ଚନ୍ଦ୍ରଶେଖର, ପ୍ରକାଶ, ଶରତ, ସୁଜୟ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସକାଳେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ହସ କେକ୍ କାଟି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସଦସ୍ୟମାନେ ହସି ହସି ଅତିଥିଙ୍କୁ ସ୍ୱାଗତ କରିଥିଲେ। ହସ ପରିବାରର ସଭାପତି ଗୋପାଳ ଜେନା ଚାରାଗଛ ପ୍ରଦାନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ମନୋଜ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ୧୬୭ଟି ଅଭିଯୋଗ ଶୁଣିଲେ ଅଧିକାରୀ

ବାଲେଶ୍ୱର,୪।୫(ସମିସ): ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ମିଳିତ ଅଧକ୍ଷତାରେ ଏହି ଜନଶୁଣାଣୀ ଅଭିଯୋଗ ଅନୁଷ୍ଠିତ ହୋଇଛି। ବିଶେଷ କରି ଏହି ଶିବିରରେ ମୋଟ ୧୬୭ଟି ଅଭିଯୋଗ ଗ୍ରହଣ କରାଯାଇ ତା ଉପରେ ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୫୪ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୯ଟି ସାମୂହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୪ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଥିଲା। ଏହାବ୍ୟତିତ ୧୩ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ଅମୂଲ୍ୟ କୁମାର ଦାସ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ବିଶେଷ କରି ଆଜି ଆର୍ଥିକ ସହାୟତା ହେଉ, ନୂତନ ବାର୍ଦ୍ଧକ୍ୟ ଭତ୍ତା ହେଉ କିମ୍ବା ଆର୍ଥିକ ସହାୟତା ହେଉ ଆଦି ଉପରେ ଅଭିଯୋଗ ହୋଇଥିଲା।



ଜିଲ୍ଲା ମୁଖ୍ୟାଳୟରେ ଜନଶୁଣାଣି

# ଔପଦା ଡିଗ୍ରୀ କଲେଜ ଛାତ୍ରଛାତ୍ରୀଙ୍କ ସଫେଇ ଅଭିଯାନ




ଔପଦା,୪।୫(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ଡିଗ୍ରୀ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଆଜି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'କୋର୍ସ ବେସଡ୍ କମ୍ୟୁନିଟି ସର୍ଭିସ ପ୍ରୋଜେକ୍ଟ' (ପାଠ୍ୟକ୍ରମ ଆଧାରିତ ସମାଜସେବା ପ୍ରକଳ୍ପ) ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ସ୍ଥାନୀୟ ଅଞ୍ଚଳକୁ ସଫା ସୁତୁରା କରିଛନ୍ତି। କାର୍ଯ୍ୟକ୍ରମଟି ଶିକ୍ଷା ବିଭାଗର ମୁଖ୍ୟ ତଥା ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏଥିରେ ଅଧ୍ୟାପିକା ପ୍ରଭାସିନୀ ବେହେରା ଓ ରଞ୍ଜିତା ପଲେଇ ସକ୍ରିୟ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ଔପଦା ବଜାର ଏବଂ ଏହାର ଆଖପାଖ ଅଞ୍ଚଳ ସହ ଔପଦା ପିଏମଶ୍ରୀ ସରକାରୀ ହାଇସ୍କୁଲ ସମ୍ମୁଖ ଖେଳ ପଡ଼ିଆକୁ ମଧ ସଫେଇ କରିଥିଲେ।

# ରମେଶ ଚନ୍ଦ୍ର ପାତ୍ରଙ୍କ ସ୍ମୃତିଚାରଣ ସଭା

କମର୍ଦ୍ଦା,୪।୫(ସମିସ): ଗୁରୁଙ୍କ ଅବର୍ତ୍ତମାନରେ ତାଙ୍କର ପ୍ରଜ୍ଞା ପିଢ଼ି ପରେ ପିଢ଼ି ଚିରକାଳ ଚେତନାରେ ପ୍ରସାରିତ ହୋଇଚାଲିଥାଏ ବୋଲି ଆଜି ଦିବଂଗତ ଅବସରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ବରେଣ୍ୟ ଅତିଥି ମତବ୍ୟକ୍ତ କରିଛନ୍ତି। ଦିବଂଗତ ଗୁରୁଙ୍କ ମହାପ୍ରୟାଣର ତ୍ରୟୋଦଶ ଦିବସରେ ଆଜି ଭୋଗରାଇ ବ୍ଲକ ଅନ୍ତର୍ଗତ ଖରିଦପିପଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଙ୍କର ପୈତୃକ ଗ୍ରାମ ନୟାପାଲି ସ୍ଥିତ ବାସଭବନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କବି ଡ଼ଃ ଶ୍ରୀକୁମାର ଘୋଷ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ଭୋଗରାଇ ସମିତି ଉପାଧ୍ୟକ୍ଷା ମିନାରାଣୀ ସାସମଲ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ୩୫ ନଂ. ଜୋନ ଜିଲ୍ଲାପରିଷଦ ସଦସ୍ୟା ପ୍ରତିମା ଚାନ୍ଦ , ବିଶିଷ୍ଟ ଅତିଥିଭାବେ ସି.ଏ. ରାଜୀବ କୁମାର ଜେନା, ସମ୍ମାନିତ ଅତିଥିଭାବେ ସି. ଏ. ସମୀର କୁମାର ପଲେଇ, ସରପଞ୍ଚ ମଞ୍ଜୁରାଣୀ ବେହେରା, ଡାକ୍ତର ଶୁଭମ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହେମନ୍ତ କୁମାର ବେହେରା, ଆୟୁଷ ଡାକ୍ତର ଲଲାଟେନ୍ଦୁ ଦାସ, ଯୁବ ଶିକ୍ଷକ ତଥା ସାହିତ୍ୟିକ ମଳୟ କୁମାର ଶୂର, ଶିକ୍ଷାବିତ୍ ତଥା ଆଦର୍ଶ ଶିକ୍ଷକ ମନୋଜ କୁମାର ଜେନା, ସମାଜସେବୀ ମୁରଲୀମୋହନ ପଟ୍ଟନାୟକ, ପ୍ରାକ୍ତନ ନାଏବ ସରପଞ୍ଚ ଯୋଗେନ୍ଦ୍ର ନାଥ ପାଳ, କବି ସୁକୁମାର ଦାସ, ପ୍ରାକ୍ତନ ସରପଞ୍ଚ ଦିବ୍ୟେନ୍ଦୁ ବିକାଶ ପାତ୍ର, ପ୍ରାକ୍ତନ ସରପଞ୍ଚ ଶ୍ରୀପତି ଚରଣ ଜେନା, ଶିକ୍ଷୟିତ୍ରୀ ଶୁଭଶ୍ରୀ ପ୍ରଧାନ, ସମାଜସେବୀ ପଣ୍ଡିତ ରାଜେନ୍ଦ୍ର ପଣ୍ଡା, ସମାଜସେବୀ ପ୍ରଶାନ୍ତ କୁମାର ପାଳ, ଅଜୟ କୁମାର ପାଳ, ଛାତ୍ରୀ ହେମଲତା ଜେନା, ଜାମାତା ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧାକର ଜେନା, ଜାମାତା ସୁଧୀର କୁମାର ପ୍ରଧାନ, ସମୃଦ୍ଧି ପ୍ରାକ୍ତନ ସମବାୟ ସମିତି ସଂପାଦକ ମାନସ କୁମାର ପାତ୍ର, ଶିକ୍ଷକ କୀର୍ତ୍ତନ ଦେ, ଶିକ୍ଷକ ପବିତ୍ର କୁମାର କର, କଳାକାର ସଂଘ ସଭାପତି ଅନୀଲ କୁମାର ଜେନା, ସମାଜସେବୀ ସଞ୍ଜୀବ ସିଂ, ସମାଜସେବୀ ଗିରିଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ସହିତ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଦିବଂଗତ ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ରୋଟାରିଆନ ଡ଼ଃ ଶିବନାରାୟଣ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ସହିତ ପରିଚୟ ପ୍ରଦାନ କରିଥିବାବେଳେ ସ୍ୱର୍ଗତ ପାତ୍ରଙ୍କ ତିନିପୁତ୍ର ତୁଷାରକାନ୍ତି, ନିହାରକାନ୍ତି, ତରୁଣକାନ୍ତି, ପୁତ୍ରବଧୂ, ଝିଅ, ନାତିନାତୁଣୀ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଆତ୍ମୀୟସ୍ୱଜନ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ୧୯୩୬ ମସିହା ପରାଧୀନ ଭାରତରେ ଜନ୍ମିତ ସ୍ୱର୍ଗତ ପାତ୍ର ଶିକ୍ଷାରେ ଜୟରାମପୁର ହାଇସ୍କୁଲରେ ଶହ ଶହ ଛାତ୍ର ଛାତ୍ରୀଙ୍କୁ ନିଷ୍ଠାପର ଶିକ୍ଷାଦାନ କରି ଅନେକ ଖ୍ୟାତି ଅର୍ଜନ କରିଥିଲେ। ଶେଷରେ ସାନପୁତ୍ର ତରୁଣକାନ୍ତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭଜହରି ବିଦ୍ୟାପୀଠରେ ଶତପ୍ରତିଶତ ସଫଳତା



ସୋର,୪।୫(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଭଜହରି ବିଦ୍ୟାପୀଠ ଦହିପୁର- ନୁଆପୁରର ଫଳାଫଳ ଶତ ପ୍ରତିଶତ ହୋଇଛି। ଏହି ବିଦ୍ୟାପୀଠ ଲଗାତର ୮ବର୍ଷ ଧରି ଏଠାକାର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତବର୍ଷ ସ୍କୁଲର ୮୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୫ ଜଣ ଛାତ୍ରଛାତ୍ରୀ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ପ୍ରତିଶତ ନମ୍ବର ରଖି ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭଜହରି ବିଦ୍ୟାପୀଠର ଦୁଇ ଜଣ ଛାତ୍ରୀ ଗାର୍ଗୀ ନାୟକ ଓ ସଙ୍ଘପ୍ରଭା ବିଶ୍ୱାଳ ସର୍ବାଧିକ ୫୬୧ ଓ ୫୪୦ ନମ୍ବର ରଖି 'ଏ-୧' ହାସଲ କରି ସ୍କୁଲ୍ ଟପର ହେବା ସଂଗେ ସଂଗେ ସୋର ବ୍ଲକରେ ମଧ୍ୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ ବିଦ୍ୟାଳୟର ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦେଇ ଅଭିନନ୍ଦନ ଜଣାଇଥିଲେ। ଏହାସହିତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାର୍, ବିଜୟ ସାର୍, ହରିହର ସାର, ଦିବାକର ସାର୍, ସୁଶାନ୍ତ ସାର୍,ବିଦ୍ୟାଧର ସାର୍, ତାପସ ସାର୍, ଗଜେନ୍ଦ୍ର ସାର୍ , କବିତା ଦିଦି, ସେବକ ସମୂହ ଏବଂ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟଙ୍କର ସହଯୋଗ ଓ ପରିଶ୍ରମ ଫଳରେ ଏହି ସଫଳତା ମିଳିଛି।

# କିରୋଗୀ ଓ ପୁମ୍‌ସେ ତାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

ସୋର,୪।୫(ସମିସ)



ସୋରୋ ତାଏକ୍ୱୋଣ୍ଡୋ ଏକାଡେମୀ ଓ ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ମିଳିତ ଆନୁକୂଲ୍ୟରେ ସୋର ରାଧାନାଥ ସ୍ମୃତି ମଣ୍ଡପ ଠାରେ ବାଲେଶ୍ୱର ଜିଲ୍ଲା ୧୦ମ କିରୋଗୀ ଓ ୭ମ ପୁମସେ ତାଏକ୍ୱଣ୍ଡୋ ଚାମ୍ପିଅନସିପ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଏହାକୁ ଉଦଘାଟନ କରିବା ସହିତ ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଅଶୋକ କୁମାର ମହାନ୍ତି, ସୁଧାରାଣୀ ଜେନା, ଅଶୋକ ପାତ୍ର, ପବିତ୍ର ସେଠି, ଜିଲ୍ଲା ସଂଘର ସଭାପତି ଅବଦୁଲ ଉଦ୍ଦୁତ ଖାନ, ସଂଘର ସଦସ୍ୟ ସୁବ୍ରତ ମହାରଣା ଯୋଗଦେଇ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ଉଚ୍ଚସ୍ତରରେ ସଫଳତା ଲାଭ କରିବାକୁ ପ୍ରେରଣା ଦେଇଥିଲେ। ପ୍ରତିଯୋଗିତାରେ କିରୋଗି ଓ ପୁମସେ ବିଭାଗରେ ସୁପର ସବ୍-ଜୁନିଅର, ସବ୍-ଜୁନିଅର, କ୍ୟାଡେଟ୍, ଜୁନିଅର ଓ ସିନିଅର ବୟସ୍ ବର୍ଗରେ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଥିଲେ। ମୋଟ ୩ଟି ଏକାଡେମୀରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରି ଉତ୍କୃଷ୍ଟ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାକୁ ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ତାଏକ୍ୱଣ୍ଡୋ ମାଷ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଶେଷରେ ବିଜେତା ଓ ରନର୍ସଅପ୍ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତା ଜିଲ୍ଲାରେ ତାଏକ୍ୱୋଣ୍ଡୋ କ୍ରୀଡ଼ାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଜିଲ୍ଲା ସମ୍ପାଦକ ଅତାଉଲ୍ଲା ଖାନ୍ କହିଛନ୍ତି।

